ପ୍ରେସ୍ ନୋଟ୍

# ଦେବାଳୟ ଖୋଲିବା ନିମନ୍ତେ ଜିଲ୍ଲାପାଳ ଜାରି କଲେ ନିର୍ଦ୍ଦେଶନାମା ।

ଅନୁଗୋଳ, ତା.୦୨.୦୯:- କୋଭିଡର ସାଂପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କରି ଜିଲ୍ଲାରେ ଥିବା ସମସ୍ତ ମନ୍ଦିର,ମସଜିଦ୍ ଓ ଗିର୍ଜାଗୁଡିକୁ ଆସନ୍ତା କାଲି ଠାରୁ (ତା.୩.୯.୨୦୨୧) ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ କୋଭିଡ ନିୟମାବଳୀ ଆଧାରରେ ଖୋଲା ରହିବ ବୋଲି ଆଜି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ।ସର୍ବସାଧାରଣଂକ ଅବଗତି ନିମନ୍ତେ ଧାର୍ମିକ ଅନୁଷ୍ଠାନ,ପୂଜା ସ୍ଥଳୀ ଓ ଉପଯୁକ୍ତ ସ୍ଥାନତଥା ଅନୁଷ୍ଠାନ ଗୁଡିକର ବାହାରେ କୋଭିଡ ନିୟମାବଳୀ ସମ୍ପର୍କରେ ବିଜ୍ଞପ୍ତି ପ୍ରଦର୍ଶିତ କରାଯିବ । ଧାର୍ମିକ ଅନୁଷ୍ଠାନକୁ ଯିବାକୁ ହେଲେ ମୁହଁରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ନଚେତ୍ ପ୍ରବେଶକୁ ବାରଣ କରାଯାଇଛି । ସାମାଜିକ ଦୂରତା ଓ ଶାରିରୀକ ଦୂରତା ୨ ଜଣ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତତଃ ୬ ଫୁଟ ବ୍ୟବଧାନ ରହିବ । ପ୍ରବେଶ ପଥରେ ନିୟମିତ ହାତ ଧୋଇବାର ବ୍ୟବସ୍ଥା ରହିବ । ଦର୍ଶନ ନିମନ୍ତେ ଜନସାଧାରଣଂକୁ ଗୋଟିଏ ବ୍ୟାଚ ପରେ ଆଉ ଗୋଟିଏ ବ୍ୟାଚକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ । ଏହି ବ୍ୟାଚରେ କେତେ ଲୋକ ରହିବେ ତାହା ସ୍ଥାନୀୟ ପରିଚାଳନା କମିଟି ସ୍ଥିର କରିବ / *ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଅନୁଗୋଳକୁ ଥରକେ ୫୦ ଜଣ ଦର୍ଶନାର୍ଥୀଙ୍କୁ ପ୍ରବେଶ ନିମନ୍ତେ ଅନୁମତି ଦିଆଯାଇଛି* । ଦର୍ଶନାର୍ଥୀମାନଂକର ପ୍ରବେଶ ମୁଖ୍ୟ ଫାଟକ (ସିଂହଦ୍ୱାର) ଦେଇ ପ୍ରବେଶ କରିବାକୁ ଅନୁମତି ଦିଆଯାଇଛି । ଅନ୍ୟ ସମସ୍ତ ଧାର୍ମିକ ଅନୁଷ୍ଠାନ ପାଇଁ ୨୦ ଜଣ ଲେଖାଏଁ ଦର୍ଶନାର୍ଥୀଂକୁ ମୁଖ୍ୟ ଫାଟକ ଦେଇ ପ୍ରବେଶ କରିବାକୁ ଅନୁମତି ଦିଆଯାଇଛି । ଅନ୍ୟ କୌଣସି ବାଟ ଦେଇ ଦର୍ଶନାର୍ଥୀମାନେ ପ୍ରବେଶ କରିପାରିବେ ନାହିଁ । ମନ୍ଦିର ପ୍ରବେଶ ନିମନ୍ତେ ଶାନ୍ତି ଶୃଂଖଳା ବଜାୟ ରଖିବାକୁ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନାଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଭାରାପ୍ରାପ୍ତ ଥାନା ଅଧିକାରୀମାନଂକୁ ଆବଶ୍ୟକ ପୋଲିସ ମୃତୟନ ନିମନ୍ତେ ଜଣାଇ ଦିଆଯାଇଛି । ଧାର୍ମିକ ଅନୁଷ୍ଠାନ ଓ ପୂଜା ସ୍ଥଳୀରେ ଛେପ ପକାଇବା ଉପରେ ବାରଣ କରାଯାଇଛି । ଏଥିରେ ଅବମାନନା କଲେ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ । ୬୫ ବର୍ଷରୁ ଉର୍ଦ୍ଧ ବ୍ୟକ୍ତି, ବହୁବିଧ ରୋଗରେ ପିଡିତ ବ୍ୟକ୍ତି ,ଗର୍ଭବତୀ ମହିଳା ଓ ୧୦ ବର୍ଷରୁ କମ୍ ପିଲାମାନଂକ ସୁରକ୍ଷା ନିମନ୍ତେ ଜନଗହଳିପୂର୍ଣ୍ଣ ସ୍ଥାନ ଗୁଡିକରେ ସେମାନଂକ ଯିବାକୁ ବାରଣ କରାଯାଇଛି । ଧାର୍ମିକ ଅନୁଷ୍ଠାନଗୁଡିକରେ କୋଭିଡ ନିୟମକୁ ମାନି ଶାନ୍ତି ଓ ଶୃଂଖଳାର ସହିତ ଦର୍ଶନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କୌଣସି ବ୍ୟକ୍ତି ଏହି ନିୟମକୁ ଉଲ୍ଲଂଘନ କଲେ ସରକାରଂକ ଦ୍ୱାରା ପ୍ରଣୀତ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ।